ଉତ୍ତର ପ୍ରଦେଶ କାଠ କାରଖାନା ସଂଘ

ବନାମ

ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ ।

2, ଜାନୁଆରୀ 1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତୀୟ ସମ୍ବିଧାନ, 1950:*

*ଅନୁଚ୍ଛେଦ 14-ଜଙ୍ଗଲଜାତ ଦ୍ରବ୍ୟର ଅଭାବକୁ ଦୃଷ୍ଟିରେ ରଖି ରାଜ୍ୟ ବାହାରୁ କିଣାଯାଇଥିବା 'ଖୈର କାଠ' ବ୍ୟବହାର କରିବା ପାଇଁ କ୍ଷୁଦ୍ର ଶିଳ୍ପଗୁଡ଼ିକୁ ପ୍ରୋତ୍ସାହିତ କରିବା-ପରବର୍ତ୍ତୀ ସମୟରେ କ୍ଷୁଦ୍ର ଶିଳ୍ପଗୁଡ଼ିକର ପଞ୍ଜୀକରଣ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଲାଗୁ କରିବା-ନିର୍ଣ୍ଣିତ ହୋଇଥିଲା ଯେ ଏହା ଏକ ନୀତିଗତ ନିଷ୍ପତ୍ତି ହୋଇଥିବାରୁ ଉଲ୍ଲଙ୍ଘନକାରୀ ନୁହେଁ-ତେଣୁ କୌଣସି ହସ୍ତକ୍ଷେପ ପାଇଁ ଆହ୍ୱାନ କରାଯାଇନାହିଁ ।*

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 1546/1996 ।

ଆଜ୍ଞାଦେଶ ଆବେଦନ ସଂଖ୍ୟା 1828/91 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କର 3.5.91 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଅରବିନ୍ଦ କୁମାର ଏବଂ ସୁଶ୍ରୀ ଲକ୍ଷ୍ମୀ ଅରବିନ୍ଦ ।

ଉତ୍ତରଦାତାମାନଙ୍କ ପାଇଁ ଏସ୍. କେ. ମେହେଟ୍ଟା, ଧ୍ରୁବ ମେହେଟ୍ଟା, ଅମନ୍ ଭଚେର, ଅଶୋକ କେ. ଶ୍ରୀବାସ୍ତବ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା । ଉଭୟ ପକ୍ଷର ଅଧିବକ୍ତାଙ୍କୁ ଶୁଣାଗଲା ।

ବାସ୍ତବତା ହେଉଛି, 1983 ମସିହା ସେପ୍ଟେମ୍ବର 12 ତାରିଖର ନୀତି ଅନୁଯାୟୀ, ରାଜ୍ୟରେ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ଯଥା-ଖୈର କାଠ ଉପରେ ଆଧାରିତ ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକୁ ପ୍ରତିଷ୍ଠା କରିବା ପାଇଁ ଅନୁମତି ଦିଆଯାଇଥିଲା । ଆବେଦନକାରୀ ହେଉଛନ୍ତି ଶିଳ୍ପଗୁଡ଼ିକର ଏକ ସଂଘ ।

ସରକାର 25, ଫେବୃଆରୀ 1984 ରେ ଶିଳ୍ପ ନିର୍ଦ୍ଦେଶକଙ୍କୁ ସ୍ୱାଧୀନତା ପ୍ରଦାନ କରି କ୍ଷୁଦ୍ର ଶିଳ୍ପକୁ ଏହି ଆଧାରରେ ଉତ୍ସାହିତ କରିବାକୁ ସ୍ୱାଧୀନତା ଦେଇଥିଲେ ଯେ ଯେଉଁମାନେ ଜଙ୍ଗଲ କାଠରୁ ନିଜ ଶିଳ୍ପ ଚଳାଇବେ ନାହିଁ ସେମାନଙ୍କୁ ଅନୁମତି ପତ୍ର ପ୍ରଦାନ ପାଇଁ ବିଚାର କରାଯାଇପାରେ ଏବଂ ସେମାନେ ରାଜ୍ୟ ବାହାରୁ 'ଖୈର କାଠ' କିଣିବେ । ଉତ୍ତରଦାତା ସଂଖ୍ୟା 4, ଫେବୃଆରୀ 11,1986 ରେ ଏକ ବର୍ଷର ଅବଧି ପାଇଁ ତାଙ୍କ ପ୍ରସ୍ତାବିତ ଏସ୍. ଆଇ. ପ୍ରତିଷ୍ଠାନ ଗୁଡ଼ିକର ଅସ୍ଥାୟୀ ପଞ୍ଜୀକରଣ ପ୍ରଦାନ କରିଥିଲେ ।

ଏହାପରେ ସରକାର 11, ଡିସେମ୍ବର 1986 ରୁ ପଞ୍ଜୀକରଣ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଲାଗୁ କରିଥିଲେ । ଚତୁର୍ଥ ଉତ୍ତରଦାତାଙ୍କ ଆବେଦନକାରୀ ସଂଘ ସମେତ ଲାଗୁ କରାଯାଇଥିବା ପ୍ରତିବନ୍ଧକକୁ ରଦ୍ଦ କିମ୍ବା କୋହଳ କରିବା ପାଇଁ ଆବେଦନ କରିଥିଲେ, କିନ୍ତୁ ନିର୍ଦ୍ଦେଶକ ଏଥି ସହ ସହମତ ହେବାକୁ ମନା କରିଦେଇଥିଲେ । ଫଳସ୍ୱରୂପ ଆବେଦନକାରୀ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କର ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ଆଜ୍ଞାଦେଶ ଆବେଦନ ସଂଖ୍ୟା 1828/91 ରେ 3, ମେ 1991ର ଆଦେଶରେ ଆଜ୍ଞାଦେଶ ଆବେଦନକୁ ଖାରଜ କରି କହିଛନ୍ତି ଯେ ଏହି ମାମଲା ସରକାରଙ୍କ ଦ୍ୱାରା ସର୍ବୋଚ୍ଚ ସ୍ତରରେ ନିଆଯାଇଥିବା ନୀତି ମଧ୍ୟରୁ ଗୋଟିଏ ହୋଇଥିବାରୁ ନ୍ୟାୟାଳୟ ଏହି ନୀତିର ସଠିକତା ଯାଞ୍ଚ କରିବାକୁ ଆଗ୍ରହୀ ନୁହଁନ୍ତି । ତଦନୁସାରେ ଏହା ଅନୁରୋଧ କରାଯାଇଥିବା କୌଣସି ନିର୍ଦ୍ଦେଶ ଦେବାକୁ ମନା କରିଦେଇଥିଲା ।

ଆବେଦନକାରୀଙ୍କ ପାଇଁ ଏହା ଯୁକ୍ତି କରାଯାଇଛି ଯେ ସରକାର ଅନ୍ୟ ପ୍ରତିଷ୍ଠାନ ଗୁଡ଼ିକୁ ସରକାରୀ କୋଟାରୁ ଖୈର କାଠ ହାସଲ କରିବାକୁ ଅନୁମତି ଦେଇଥିବାରୁ, ଅସ୍ଥାୟୀ ପଞ୍ଜୀକରଣ ଅଧୀନରେ ପଞ୍ଜୀକୃତ ଏସ୍. ଏସ୍. ଆଇ. ପ୍ରତିଷ୍ଠାନ ଗୁଡ଼ିକୁ ପଞ୍ଜୀକରଣ ପ୍ରତ୍ୟାଖ୍ୟାନ କରିବା ସମ୍ବିଧାନର ଅନୁଚ୍ଛେଦ 14ର ଭେଦଭାବପୂର୍ଣ୍ଣ ଉଲ୍ଲଂଘନ ହେବ । ଓକିଲଙ୍କ ତର୍କ ଏବଂ ଚତୁର୍ଥ ଉତ୍ତରଦାତାଙ୍କ ବିଦ୍ୱାନ ଓକିଲ ଶ୍ରୀ ମେହେଟ୍ଟାଙ୍କ ତର୍କକୁ ଆମେ ସବଧାନତାର ସହ ବିଚାର କରିବାପରେ, ଆମର ମତ ହେଉଛି ଯେ ଏହା ଆମର ହସ୍ତକ୍ଷେପ ପାଇଁ ଉପଯୁକ୍ତ ମାମଲା ନୁହେଁ । ଏହି ନ୍ୟାୟାଳୟରେ ଦାଖଲ ହୋଇଥିବା ଜବାବି ଉତ୍ତରରେ ଏହା କୁହାଯାଇଛି ଯେ ସରକାର ଏକ କମିଟି ଗଠନ କରିଥିଲେ ଯେଉଁଥିରେ 'ଜଙ୍ଗଲ ସଚିବ' ଅଧ୍ୟକ୍ଷ ଥିଲେ । ଏହା 13, ଡିସେମ୍ବର 1990 ରେ ବୈଠକ କରିଥିଲେ ଏବଂ ନିଷ୍ପତ୍ତି ନେଇଥିଲେ ଯେ 11, ଡିସେମ୍ବର 1986 ପୂର୍ବରୁ ପଞ୍ଜୀକୃତ ହୋଇଥିବା କ୍ଷୁଦ୍ର ପ୍ରତିଷ୍ଠାନ ଗୁଡିକ ଆବଣ୍ଟନ ପାଇଁ ବିଚାରକୁ ନେବାକୁ ହକଦାର ଏବଂ ତା 'ପରେ

ପଞ୍ଜୀକୃତ ଯେକୌଣସି ପ୍ରତିଷ୍ଠାନ କେବଳ ରାଜ୍ୟ ବାହାରୁ ଆବଶ୍ୟକ କାଠ ପାଇବା ଆଧାରରେ କାର୍ଯ୍ୟ କରିବାକୁ ଅନୁମତି ଦିଆଯିବ । ଏହା ଦେଖିବାକୁ ମିଳିଛି ଯେ ଉତ୍ତର ପ୍ରଦେଶ ରାଜ୍ୟରେ ଜଙ୍ଗଲଜାତ ଦ୍ରବ୍ୟର ଅନୁପଲବ୍ଧତାକୁ ଦୃଷ୍ଟିରେ ରଖି ସରକାର ଏକ କମିଟି ଗଠନ କରିଥିଲେ ଏବଂ ଜଙ୍ଗଲ ବିଭାଗର ସଚିବ ଏହାର ଅଧ୍ୟକ୍ଷ ଥିଲେ । ରାଜ୍ୟରେ ଖୈର କାଠର ଉପଲବ୍ଧତା ଏବଂ ଆବଣ୍ଟନର ପ୍ରଶ୍ନ ଉପରେ ସେମାନେ ବିଚାର କରିଥିଲେ । ସେମାନେ ଏକ ଶେଷ ତାରିଖ, ଅର୍ଥାତ୍, 11, ଡିସେମ୍ବର 1986 ଲାଗୁ କରିଛନ୍ତି ଏବଂ ଜଙ୍ଗଲ ଉତ୍ପାଦଗୁଡ଼ିକର ଉପଲବ୍ଧତା ଉପରେ ନିର୍ଭର କରି, ଉପରୋକ୍ତ ତାରିଖ ପୂର୍ବରୁ ପ୍ରତିଷ୍ଠିତ ଶିଳ୍ପଗୁଡ଼ିକୁ ଆବଣ୍ଟନ କରାଯିବ । ନିର୍ଦ୍ଦେଶକଙ୍କ ଦ୍ୱାରା ପାରିତ ଆଦେଶରେ କୁହାଯାଇଛି ଯେ ଏହା ସତ୍ୟ ଯେ 12, ସେପ୍ଟେମ୍ବର 1983 ପରେ ପଞ୍ଜୀକୃତ ହୋଇଥିବା ଏସ୍. ଆଇ. ୟୁନିଟଗୁଡ଼ିକୁ 25, ଫେବୃଆରୀ 1984ର କାର୍ଯ୍ୟାନୁଷ୍ଠାନ ଦ୍ୱାରା ପଞ୍ଜୀକରଣ ପାଇଁ ଏହି ସର୍ତ୍ତ ସହିତ ଅନୁମତି ଦିଆଯାଇଥିଲା, ଯେ ସେମାନେ ଉତ୍ତର ପ୍ରଦେଶ ଜଙ୍ଗଲ କାଠ ପାଇଁ ଆବେଦନ କରିବେ ନାହିଁ, ଏବଂ ସେମାନେ ଏହାକୁ ରାଜ୍ୟ ବାହାରୁ ପାଇବେ । ଏପରିକି ଏପରି ଶିଳ୍ପ ସମ୍ବନ୍ଧରେ ଏହା ମଧ୍ୟ କୁହାଯାଇଛି ଯେ ଯଦିଓ ଶିଳ୍ପ ନିର୍ଦ୍ଦେଶକ ଅସ୍ଥାୟୀ ପଞ୍ଜୀକରଣ ମଞ୍ଜୁର କରିଛନ୍ତି, ଏହା କେବଳ 11, ଡିସେମ୍ବର 1986 କିମ୍ବା ପୂର୍ବ ପର୍ଯ୍ୟନ୍ତ କାୟମ ରହିବ । ଅନ୍ୟ ଅର୍ଥରେ, ଶିଳ୍ପ ପାଇଁ ଆବଶ୍ୟକ ଜଙ୍ଗଲ ଉତ୍ପାଦ ଆବଣ୍ଟନ 11, ଡିସେମ୍ବର 1986 ରେ କିମ୍ବା ପରେ ଏସ୍. ଆଇ. ପ୍ରତିଷ୍ଠାନର ପଞ୍ଜିକରଣ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଲାଗୁ କରାଯାଇଥିଲା ।

ଏହି ପରିସ୍ଥିତିରେ, ଏହା ଏକ ନୀତିଗତ ନିର୍ଣ୍ଣୟ ହୋଇଥିବାରୁ ଆମେ ଭାବୁନାହୁଁ ଯେ ଏହା ଆମର ହସ୍ତକ୍ଷେପ ପାଇଁ ଏକ ମାମଲା ହେବ । ଉଚ୍ଚ  ନ୍ୟାୟାଳୟ ଯଥାର୍ଥରେ ନିଜର କ୍ଷମତା ପ୍ରୟୋଗ କରିବାକୁ ମନା କରିଦେଇଛନ୍ତି ।

ତଦନୁସାରେ ଆବେଦନକୁ ଖାରଜ କରାଯାଇଛି । କୌଣସି ଖର୍ଚ୍ଚ ରହିବ ନାହିଁ ।

ଜି. ଏନ୍. ଆବେଦନକୁ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।